ସମାଲୋଚନା

୭ରୁ ୧୩ ଜାନୁଆରୀ ୨୦୨୪

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ପର୍ବତ ଶିଖରେ ଫୁଟିବ 'ପଦ୍ମ'

କଥା ହେଲା ଏହା ମଧ୍ୟରେ ନଦୀରେ ବହୁ ପାଣି ବୋହି ଯାଇଛି। ଆଉ ଏଥର କମ୍ପରମାଇଜ୍ ନୁହେଁ, ବରଂ ଆଟାକ୍ କରାଯିବ। କାରଣ ବିଜେଡି ସରକାରରେ ସାଧାରଣ ଲୋକ ଯେଭଳି ହସ୍ତସନ୍ତ ହେଉଛନ୍ତି ସେହିଭଳି ନେତା ମଧ୍ୟ ଆକ୍ରାମାକ୍ରା ହେଲେଣି। ବିଶେଷତଃ ବିଜେଡିରେ ଥିବା ନେତା ଏବେ ନିଜ ନିଜ ରାଜନୈତିକ ଭବିଷ୍ୟତକୁ ନେଇ ଚିନ୍ତାରେ। ଏହି ଦୁଇଟି ପ୍ରସଙ୍ଗ ଓଡ଼ିଶାରେ ବିଜେପି ସରକାର କରିବା ପାଇଁ ପଥ ପରିଷ୍କାର କରିବ। ୨୦୨୪ ନିର୍ବାଚନରେ ବିଜେପିକୁ ବିଜେଡି କ୍ଷମତାରୁ ଦୂରରେ ରଖି ପାରିବ ନାହିଁ। କାରଣ ଜନମତ ଏବେ ବିଜେଡି ବିରୋଧରେ ଆଉ ବିଜେପି ସପକ୍ଷରେ।

ଆଉ ଏକ ପ୍ରଶ୍ନ ଥିଲା ବିଜେପି ନେତାଙ୍କ ପାଇଁ ତାହା ହେଲା ୨୦୧୯ରେ ୩୭ଜଣ ବିଜେପି ଦଳରୁ ବିଧାୟକ ପ୍ରାର୍ଥୀ ହୋଇଥିବା ନେତା ଏବେ ବିଜେଡି ମୁହାଁ ହୋଇଛନ୍ତି ବୋଲି ଖବର ମିଳିଛି। କାରଣ କେନ୍ଦ୍ରୀୟ ନେତାଙ୍କ ଭୂମିକା ତାଙ୍କୁ ବିଜେପିରେ ରହିବା ପାଇଁ ବାଧା ଉପୁଯାଇଛି। ଏହା ଉପରେ ବିଜେପି ନେତାଙ୍କ ମତ ହେଲା କିଏ ଯିବେ, କିଏ ଆସିବେ ତାହା ସମୟ କହିବ ! କିନ୍ତୁ ଏତିକି ଜାଣି ରଖନ୍ତୁ ଯେ ରାଜ୍ୟ ବିଜେପି ନେତା ଏବେ ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ ଫର୍ମୁଲାକୁ ନେଇ ଏକାଠି ହୋଇଛନ୍ତି। ଟାର୍ଗେଟ୍‌ରେ ହେଉଛି ବିଜେଡିକୁ କ୍ଷମତାଚ୍ୟୁତ କରିବା। ବିଜେଡି ଏବେ ପ୍ରଚାରରେ ସବଳ। ଏକଥା ସମସ୍ତେ ଜାଣନ୍ତି। କିନ୍ତୁ ଫିଲ୍ଡରେ ଏବେ ଆମେ କେବଳ ଆମେ। ଯେଉଁଥି ପାଇଁ କହୁଛୁ ଏଥର ଲଢ଼େଇ ଜିତିବା ପାଇଁ ଏବଂ ପର୍ବତ ଶିଖରେ ଫୁଟିବ ପଦ୍ମ। ଦଳର ପ୍ରଭାରୀ ବିଜୟପାଲ ସିଂ ତୋମାର ମଧ୍ୟ କହିଛନ୍ତି ଯେ ଆଉ ବିଜେଡି ରିପିଟ୍ କରିବ ନାହିଁ। ବିଜେପି ହିଁ ଏଥର ଓଡ଼ିଶା କ୍ଷମତାକୁ ଆସିବ।

ଇଭେଣ୍ଟ୍ ମ୍ୟାନେଜ୍ ପଲିଟିକ୍ସ

ପାଇଁ ପ୍ରଚାରରେ ବିକାଶର ଚିତ୍ର ଦେଖାଇ ଥାନ୍ତି ଶାସକ ଓ ବିରୋଧୀ ଦଳ। କିଏ ସଫଳତାର ଦେଖାନ୍ତି ତ' ଆଉ କିଏ ବିଫଳତାର। ଯେପରି ନିକଟରେ ପୁଣିଥରେ ଯାଜପୁରର ନଗଡ଼ାରେ ଅପପୃଷ୍ଟିର ଚିତ୍ର ଉପରେ ବିରୋଧୀ ଦଳ ସରକାରରେ ଥିବା ବିଜେଡି ଦଳକୁ ଦାୟୀ କରିଥିବା ବେଳେ ବିଜେଡି ଏହାକୁ କାଉଣ୍ଟର୍ କରି କହୁଛି କେବଳ ସବୁଠି ବିକାଶ ଆଉ ବିକାଶ। କାହାକୁ ବାସୁଛି, ଆଉ କାହାକୁ ଗନ୍ଧାଉଛି। କିନ୍ତୁ ପ୍ରକୃତରେ ଜୁଆଡ଼େ ଚାହିଁବ ସିଆଡ଼େ ବିକାଶର ଚିତ୍ର ଦେଖିବ। ରାଜ୍ୟର ୨୦ଲକ୍ଷରୁ ଅଧିକ ଲୋକ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଲୋକଙ୍କ କ୍ରୟଶକ୍ତି ବଢୁନାହିଁ। ଆୟ ହ୍ରାସ ପାଉଛି। ଟଙ୍କିକିଆ ଚାଉଳ ଉପରେ ନିର୍ଭର କରି ତିନି କୋଟିରୁ ଅଧିକ ଲୋକ ନିଜର ଖାଦ୍ୟ ନିରାପତ୍ତା ମେଣ୍ଟାଉଛନ୍ତି। ଅଥଚ ଏହା ରାଜନୈତିକ ପ୍ରସଙ୍ଗ ହେଉ ନାହିଁ। ବରଂ ଭାବବେଗ ହେଉଛି ପ୍ରସଙ୍ଗ। ପ୍ରଭୁ ଜଗନ୍ନାଥଙ୍କୁ ନେଇ ନିଜର ଭୋଟ ଗୋଟାଇବା ପାଇଁ ଆରମ୍ଭ ହୋଇଛି ପ୍ରତିଯୋଗିତା। ପ୍ରକୃତରେ ଏସବୁ ପ୍ରଚାରରେ ସୀମିତ। ଯାହାକୁ ଇଭେଣ୍ଟ୍ ମ୍ୟାନେଜମେଣ୍ଟ୍ କୁହାଯାଉଛି। ଅନ୍ୟ ଅର୍ଥରେ ଏଭଳି ଘୃଣ୍ୟ ପ୍ରତିଯୋଗିତା ଚାଲିଛି ଯେ ଯେଉଁ ମୋଟ୍ ଜନସଂଖ୍ୟାର ୭୦ ପ୍ରତିଶତ ଲୋକ ଯାହାଙ୍କ ପାଖରେ ବିକାଶ ଅପହଞ୍ଚ ସେମାନଙ୍କୁ ଏଭଳି ଇଭେଣ୍ଟ୍ ମ୍ୟାନେଜମେଣ୍ଟ କରି ଭୁଲାଇ ଦିଆଯାଉଛି। ଯାହାକି ପ୍ରତିଦିନ ସମ୍ମୁଖୀନ ହେଉଥିବା ସମସ୍ୟା ଠାରୁ ଲୋକଙ୍କୁ ଦୂରେଇ ରଖି ମଠ, ମନ୍ଦିର, ମସ୍‌ଜିଦ୍, ଗୁରୁଦ୍ୱାର ଓ ଗୀର୍ଜା ବିକାଶର ଚିତ୍ର ଦେଖାଇ ଦେବା ପାଇଁ ଚାଲିଛି ଇଭେଣ୍ଟ୍ ମ୍ୟାନେଜ୍‌ମେଣ୍ଟ୍।

ଜଟିଳ ହେଉଛି ଜଳେଶ୍ୱର ରାଜନୀତି

ବାଲେଶ୍ୱର (ସମାଲୋଚନା ବ୍ୟୁରୋ): ପାଖେଇ ଆସୁଛି ୨୦୨୪ ସାଧାରଣ ନିର୍ବାଚନ। ନିର୍ବାଚନକୁ ଆଖିଆଗାରେ ରଖି ପ୍ରମୁଖ ତିନିଦଳ ଭିତରେ ଆରମ୍ଭ ହେଲାଣି ରୋଡ଼ମ୍ୟାପ୍ ପ୍ରସ୍ତୁତି। ପୂର୍ବ ନିର୍ବାଚନ ଅପେକ୍ଷା ୨୪ରେ ବିଜେଡି କେମିତି ଅଧିକ ଆସନ ହାତେଇବ ତାକୁ ନେଇ ଏବେଠାରୁ ଜୋରଦାର ଉଦ୍ୟମ ଚଳାଇଛି। ସେପଟେ ବିଜେଡିକୁ ଚେକ୍ ଦେବା ପାଇଁ ବିରୋଧୀ ବିଜେପି ଓ କଂଗ୍ରେସ ମଧ୍ୟ ଆରମ୍ଭ କଲେଣି ପ୍ରୟାସ। ରାଜ୍ୟ ରାଜନୀତି ମାନଚିତ୍ରରେ ବାଲେଶ୍ୱର ଜିଲ୍ଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ୮ଟି ବିଧାନସଭା ଓ ଗୋଟିଏ ଲୋକସଭା ଆସନ ବିଶିଷ୍ଟ ଜିଲ୍ଲା ବାଲେଶ୍ୱର। ଉତ୍ତର ବାଲେଶ୍ୱରର ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ବେଶ୍ ସମ୍ବେଦନଶୀଳ। ଯେଉଁ ଆସନରେ ବାରମ୍ବାର ନିର୍ବାଚିତ ହୋଇ ଏବେ ରାଜ୍ୟ ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ପଦ ହାତେଇଛନ୍ତି ବିଧାୟକ ଅଶ୍ୱିନୀ କୁମାର ପାତ୍ର। ୨୦୧୯ ସାଧାରଣ ନିର୍ବାଚନରେ ରୋଚକମୁଡ୍ ନେଇଥିଲା ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ। ବିଜେଡିକୁ ଛାଡି ଦେଲେ ବିଜେପି ଓ କଂଗ୍ରେସ ଅନ୍ୟ ଦଳରୁ ପ୍ରାର୍ଥୀ ଆଣି ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା କରିଥିଲେ। ତେବେ ବର୍ତ୍ତମାନର ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କ ଆଗରେ ବିରୋଧୀଙ୍କ ଅଙ୍କ କିଛି ବି କାମ କରିନଥିଲା। ସମସ୍ତଙ୍କୁ ପଛରେ ପକାଇ ଅଶ୍ୱିନୀ କୁମାର ପାତ୍ର ୮୫ ହଜାର ୪୩୫ ଭୋଟ ହାତେଇ ବିଜେପିକୁ ପରାସ୍ତ କରି କଂଗ୍ରେସକୁ ତୃତୀୟ ସ୍ଥାନକୁ ଫିଙ୍ଗିଥିଲେ। ଏବେ କିନ୍ତୁ ଜିତିବା ବିଜେଡିକୁ ସହଜ ହେବ ନାହିଁ। ଦଳୀୟ କନ୍ଦଳ ବଢୁଥିବାରୁ ଜଟିଳ ହେଉଛି ଜଳେଶ୍ୱର ରାଜନୀତି।

୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି, ବିଜେପି ଓ କଂଗ୍ରେସ ଭିତରେ ଆରମ୍ଭ ହେଲାଣି କନ୍ଦଳ। ଶାସକ ବିଜେଡିର ଗୋଷ୍ଠୀ କନ୍ଦଳ ଏମିତି ଯେ କ୍ଷମତା ପାଇଁ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଭର୍ସେସ ଦଳର ଯୁବଗୋଷ୍ଠୀ ମଧ୍ୟରେ ଚାଲିଛି ପ୍ରତିଯୋଗିତା। କନ୍ଦଳ ଏମିତି ରୂପ ନେଇଛି ଯେ କଥା ବାଟରେ ପଡ଼ି ହାଟରେ ଗଡୁଛି । ଦଳର ଯୁବ ଗୋଷ୍ଠୀ ଚାହୁଁଛନ୍ତି ଅଶ୍ୱିନୀ ପରିବର୍ତ୍ତେନୂଆମୁହଁ ହିଁ ଜଳେଶ୍ୱରକୁ ସମ୍ଭାଳି ପାରିବ। କିନ୍ତୁ ଜିକେଡି ହୁଏତ ସେ ଭୁଲ କରିନପାରେ। କାରଣ ମନ୍ତ୍ରୀ ଅଶ୍ୱିନୀଙ୍କୁ ଛାଡିଦେଲେ ହୁଏତ ଜଳେଶ୍ୱର ଆସନଟି ବିଜେଡିର ବିଜୟ ତାଲିକାରୁ କଟିଯାଇପାରେ । ୨୦୧୪ ଓ ୨୦୧୯ ନିର୍ବାଚନ ପୂର୍ବରୁ ଅଶ୍ୱିନୀ ପ୍ରଥମେ ଜନତା ଦଳ ପରେ ବିଜେପିରୁ ବିଧାୟକ ହୋଇଥିଲେ। ପୁଣି ଦୁଇ ଦୁଇ ଥର ବିଜେଡିରୁ ବିଧାୟକ ହୋଇ ବହୁ ଭୋଟ ବ୍ୟବଧାନରେ ବିଜୟ ହେଉଛନ୍ତି ଅଶ୍ୱିନୀ। ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ତାଙ୍କର ବେଶ୍ ଦବଦବା ରହିଛି ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଯଦି ବିଜେଡି ୨୪ରେ ଅଶ୍ୱିନୀଙ୍କ ବଦଳରେ ନୂଆମୁହଁଙ୍କୁ ପ୍ରାର୍ଥୀ କରେ ତେବେ ଦଳ ପାଇଁ ସମସ୍ୟା ସୃଷ୍ଟି କରିବ। ମନ୍ତ୍ରୀ କରିପାରନ୍ତି ବଡ଼ ଗେମ୍। ସେପଟେ ବର୍ଷେ ବର୍ଷ ଧରି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ବିଜେପି ନେତା ଶୂନ୍ୟ। ନିର୍ବାଚନ ଆସିଲେ ଅନ୍ୟ ଦଳର ପରାଜୟ ସ୍ୱାଦ ଚାଖି ବସିଥିବା ନେତାଙ୍କୁ ଡାକି ନିର୍ବାଚନ ପାର୍ ହେବା ଚେଷ୍ଟା କରେ ବିଜେପି। ୨୦୧୯ ନିର୍ବାଚନ ଏହାର ଜ୍ୱଳନ୍ତ ପ୍ରମାଣ। ହୁଏତ ୨୦୨୪ ପାଇଁ ପୂର୍ବତନ ଜଳେଶ୍ୱର ମ୍ୟୁନସିପାଲଟି ଅଧ୍ୟକ୍ଷ ପ୍ରବୀର ପ୍ରଧାନଙ୍କୁ ଟିକେଟ ଦେଇ ନିର୍ବାଚନ ଲଢ଼ିବାକୁ ଦଳ ପ୍ରସ୍ତୁତ ହେଉଛି। ଅନ୍ୟପଟେ କଂଗ୍ରେସ ମଧ୍ୟ ରଣନୀତି ଆରମ୍ଭ କରିଦେଇଛି। ଏକଦା କଂଗ୍ରେସର ଗଡ ଥିଲା ଜଳେଶ୍ୱର। ୨୦୦୯ ରେ ଅଶ୍ୱିନୀ ପାତ୍ରଙ୍କୁ ପରାସ୍ତ କରି କଂଗ୍ରେସର ଦେବୀପ୍ରସନ୍ନ ଚାନ୍ଦ ଜଳେଶ୍ୱର ଆସନ ଅକ୍ତିଆର କରିଥିଲେ। ୨୦୧୪ କଂଗ୍ରେସର ଦେବୀପ୍ରସନ୍ନ ଚାନ୍ଦ ପରାସ୍ତ ପରେ ୨୦୧୯ରେ ନୂଆ ଚେହେରା ଭାବେ ସୁଦର୍ଶନ ଦାସଙ୍କୁ ଦଳ ପ୍ରାର୍ଥୀ କରି ବିଫଳ ହୋଇଥିଲା। ମାତ୍ର ୩୫୦୨୬ ଖଣ୍ଡ ଭୋଟ ପାଇଥିବା କଂଗ୍ରେସକୁ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ତେବେ ଏଥର ମଧ୍ୟ କଂଗ୍ରେସରୁ ସୁଦର୍ଶନ ଦାସ ପ୍ରାର୍ଥୀ ହୋଇ ପାରନ୍ତି ବୋଲି ଶୁଣିବାକୁ ମିଳୁଛି।

ଚିଲିକା ବିଜେଡିରେ ଗୋଷ୍ଠୀ କନ୍ଦଳ ତୀବ୍ର

ଭୁବନେଶ୍ୱର (ସମାଲୋଚନା ବ୍ୟୁରୋ): ଚିଲିକା ଖୋର୍ଦ୍ଧା ଜିଲ୍ଲାର ଚର୍ଚ୍ଚିତ ବିଧାନସଭା ନିର୍ବାଚନ ମଣ୍ଡଳୀ। ୧୯୭୭ରେ ଗଠିତ ଚିଲିକା ନିର୍ବାଚନ ମଣ୍ଡଳୀରୁ ପ୍ରଥମ କରି ବିଶ୍ୱଭୂଷଣ ହରିଚନ୍ଦନ ଜନତା ପାର୍ଟି ଟିକେଟରୁ ବିଜୟୀ ହୋଇ ବିଧାୟକ ହୋଇଥିଲେ। ୧୯୮୦ରେ ଏହି ନିର୍ବାଚନ ମଣ୍ଡଳୀ କଂଗ୍ରେସ(ଆଇ) ହାତକୁ ଯାଇଥିଲା। ଡାକ୍ତର ଦେବେନ୍ଦ୍ର ନାଥ ମାନସିଂହ ଏଠାରୁ ବିଧାୟକ ହୋଇଥିଲେ। ୧୯୮୫ରେ ସେ ପୁଣି କଂଗ୍ରେସରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ୧୯୯୦ରେ ଜନତା ଦଳର ପ୍ରାର୍ଥୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ସପକ୍ଷରେ ଯାଇଥିଲା ଜନମତ। ୧୯୯୫ରେ କଂଗ୍ରେସ ପୁଣି ଦଖଲ କରିଥିଲା ଚିଲିକା। ବିଧାୟକ ହୋଇଥିଲେ ଡା. ଦେବେନ୍ଦ୍ରନାଥ ମାନସିଂହ। ସେହି ଦିନଠାରୁ କଂଗ୍ରେସ ଆଉ ଚିଲିକାରେ ଅଣ୍ଟା ସଳଖିପାରିନି। ୨୦୦୦ ଓ ୨୦୦୪ରେ ବିଜେପିର ବିଭୂତି ଭୂଷଣ ହରିଚନ୍ଦନ, ୨୦୦୯ରେ ରଘୁନାଥ ସାହୁ, ୨୦୧୪ରେ ବିଜେପିର ବିଭୂତି ଭୂଷଣ ହରିଚନ୍ଦନ ଓ ୨୦୧୯ରେ ବିଜେଡିର ପ୍ରଶାନ୍ତ ଜଗଦେବ ଚିଲିକା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଛନ୍ତି। ୨୦୧୯ରେ ମାତ୍ର ୫୪୧ ଭୋଟରେ ପରାଜିତ ବିଜେଡିର ରଘୁନାଥ ସାହୁଙ୍କୁ ଦଳ ଟିକେଟ ନଦେଇ ବାହାରୁ ନେତା ଆମଦାନୀ କରି ପ୍ରଶାନ୍ତ ଜଗଦେବଙ୍କୁ ପ୍ରାର୍ଥୀ କରିଥିଲା। ଯଦିଓ ବିଜେଡି ନେତା ଓ କର୍ମୀଙ୍କ ସହଯୋଗରେ ବିଜେପି ଧୂଳି ଚାଟିଲା, ପରେ ବିଜେଡି ଦୁଇଫାଳ ହୋଇଗଲା। ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ନାରାନାମା ଓ ଅଦାଲତି ଛାଟ ପରେ ବିଜେଡି ସୁପ୍ରିମୋ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ। ବିଧାୟକ ପ୍ରଶାନ୍ତଙ୍କୁ ଦଳରୁ ବହିଷ୍କାର କରିଥିଲେ। ଏହା ବିରୋଧୀଙ୍କୁ ସୁହାଇଛି ସତ, ମାତ୍ର ଚିଲିକାରେ ବିଜେଡି ୩ଫାଳ ହୋଇଯାଇଛି। ବିଧାୟକଙ୍କ ସ୍ତ୍ରୀ ସ୍ୱାଗତିକା ଜଗଦେବ ସ୍ୱାମୀଙ୍କ ଇଜ୍ଜତ ବଞ୍ଚାଇବାକୁ ଉଦ୍ୟମ ଚଳାଇଛନ୍ତି। ନିର୍ବାଚନ ମଣ୍ଡଳୀ ବାହାରୁ କର୍ମୀ ଆଣି ଦଳୀୟ କାର୍ଯ୍ୟକ୍ରମ କରୁଥିବା ବେଳେ ପୂର୍ବତନ ବିଧାୟକ ରଘୁନାଥ ସାହୁ ନିଜସ୍ୱ ଢଙ୍ଗରେ ଚଳାଇଛନ୍ତି କାର୍ଯ୍ୟକ୍ରମ। ତେଣେ ଖୋର୍ଦ୍ଧା ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣାଙ୍କ ପତିଆରା ଓ ଦବଦବା ବଢ଼ିବାରେ ଲାଗିଛି। ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମରେ କେବଳ ଗୋପୀନାଥଙ୍କୁ ହିଁ ଦେଖିବାକୁ ମିଳୁଛି। ଜନସମ୍ପର୍କ ଓ ବ୍ୟବହାର ଆଗରେ ରଘୁନାଥ ଓ ସ୍ୱାଗତିକା ମଳିନ ବୋଲି ଚର୍ଚ୍ଚା ହେଉଛି। ପ୍ରଶାନ୍ତ ତୃତୀୟ ମହଲା ମାଡିବାକୁ ସାହସ ଜୁଟାଇପାରୁ ନଥିବା ବେଳେ ରଘୁନାଥଙ୍କ ଅପେକ୍ଷା ଗୋପୀନାଥଙ୍କ କାଟ୍‌ତି ବେଶୀ ବୋଲି କୁହାଯାଉଛି। ଯଦି ବିଜେଡି ଚିଲିକାରେ ମହିଳା କାର୍ଡ ଖେଳେ ତେବେ ଆଶାୟୀଙ୍କ ତାଲିକା ଢେର ଲମ୍ବା। ଏବେ ଟିକେଟ ରେସରେ ରଘୁନାଥ, ଗୋପୀନାଥ ଓ ସ୍ୱାଗତିକା ଥିବା ଚର୍ଚ୍ଚା ହେଉଛି। ୨୦୧୯ରେ ବିଜେପିର ପରାଜିତ ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ୨୦୨୪ରେ ପୁଣି ପ୍ରାର୍ଥୀ ହୋଇପାରନ୍ତି। କଂଗ୍ରେସର ଚିଲିକାରେ କିଛି ପକେଟ୍ ଭୋଟ ଅଛି। ମାତ୍ର ଦଳୀୟ କାର୍ଯ୍ୟକ୍ରମ ଅଭାବରୁ ଚିଲିକାରେ କଂଗ୍ରେସର ସ୍ଥିତି ବିପନ୍ନ । ତଥାପି ୨୦୧୯ରେ ମାତ୍ର ୪୯୩୯ଭୋଟ ପାଇଥିବା କଂଗ୍ରେସର ପ୍ରଦୀପ କୁମାର ସ୍ୱାଇଁ ପୁଣି ପ୍ରାର୍ଥୀ ହୋଇପାରନ୍ତି।

ଅତାବିରାରେ ଫେରିବ କି ପୁରୁଣା ଲଢ଼େଇ ?

ଅତାବିରା: ୨୦୦୯ରେ ଗଠିତ ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରଥମେ କଂଗ୍ରେସର ନିହାର ରଞ୍ଜନ ମହାନନ୍ଦ ବିଜୟୀ କରିଥିଲେ। ହାରିଥିଲେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ। ୨୦୧୪ରେ ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ହୋଇଥିଲା ଲଢେଇ। କଂଗ୍ରେସ ହାତରୁ ଆସନ ଛଡାଇ ନେଇଥିଲା ବିଜେଡି। ୨୫ ହଜାରରୁ ଅଧିକ ଭୋଟରେ ବିଜୟୀ ହୋଇଥିଲେ ସ୍ନେହାଙ୍ଗିନୀ ଛୁରିଆ। ୨୦୧୯ରେ ଦ୍ୱିତୀୟ ଥର ପାଇଁ ବାଜିମାତ କରିଥିଲେ ସ୍ନେହାଙ୍ଗିନୀ। ୨୦୨୪ରେ ପୁରୁଣା ପ୍ରାର୍ଥୀମାନଙ୍କ ମଧ୍ୟରେ ପୁଣି ଲଢେଇ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ବିଜେଡିରୁ ସ୍ନେହାଙ୍ଗିନୀ ଓ କଂଗ୍ରେସରୁ ନିହାର ରଞ୍ଜନ ପ୍ରାର୍ଥୀ ହେବେ ବୋଲି ତାଙ୍କ ସମର୍ଥକମାନେ କହିବୁଲୁଛନ୍ତି। ତେଣେ ବିଜେପିରେ କିନ୍ତୁ ମାଳ ମାଳ ଆଶାୟୀ। ବିଜେପି ଭଳି ବିଜେଡି ଓ କଂଗ୍ରେସର କର୍ମୀମାନେ ନୂଆମୁହଁଙ୍କୁ ଗୁରୁତ୍ୱ ଦେଉଥିବା ଆଲୋଚନା ହେଉଛି। ଖବର ଉଡୁଛି ସ୍ନେହାଙ୍ଗିନୀ କୁଆଡେ ବରଗଡ଼ ଲୋକସଭା କ୍ଷେତ୍ରରୁ ବିଜେଡି ଟିକେଟରେ ପ୍ରାର୍ଥୀ ହୋଇପାରନ୍ତି। ତାଙ୍କ ସ୍ଥାନରେ ଅତାବିରାରେ ଭଟଲିର ପୂର୍ବତନ ବିଧାୟକ ବିମ୍ବାଧର କୁଅଁରଙ୍କୁ ବିଜେଡି ପ୍ରାର୍ଥୀ କରିପାରେ। ଅତାବିରା ବିଧାନସଭା ଆସନ ହେଉ କି ବରଗଡ଼ ଲୋକସଭା କ୍ଷେତ୍ର ସ୍ନେହାଙ୍ଗିନୀ ବିଜୟୀ ହେବେ ବୋଲି ତାଙ୍କ ଭକ୍ତମାନେ ବହିବୁଲିଲେଣି। ସେପଟେ ବିଜେପିର ମିଳନ ସେଠ ୩ ଥର ହାରିବା ପରେ ବିଜେଡିକୁ କଡା ଟକ୍କର ଦେବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ହେଲେ ସେ ପ୍ରାର୍ଥୀ ହେବେ କି ନାହିଁ ଦଳପକ୍ଷରୁ ସ୍ପଷ୍ଟ ହୋଇନାହିଁ। ନିକଟରେ ପ୍ରଶାସନିକ କାର୍ଯ୍ୟରୁ ଅବସର ନେଇଥିବା ରଞ୍ଜନ ସେଟ ବିଜେପିରେ ଯୋଗ ଦେଇ ଦଳୀୟ କାର୍ଯ୍ୟରେ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି। ପୂର୍ବରୁ ମଧ୍ୟ କୁଶ କୁମ୍ଭାର ପୋଲିସ ଚାକିରି ଛାଡି ବିଜେପି କାର୍ଯ୍ୟରେ ମାତିଛନ୍ତି। ଅନ୍ୟ ପଟେ ପଶ୍ଚିମ ଓଡ଼ିଶା ବିଦ୍ୟୁତ ଶ୍ରମିକ ନେତା ଉର୍କୁଲୁ ତାଣ୍ଡି ମଧ୍ୟ ଅତାବିରା ଆସନ ଉପରେ ନଜର ରଖିଛନ୍ତି। ୫ବର୍ଷରୁ ଅଧିକ ସମୟ ହେବ ସେ ଦଳୀୟ ପ୍ରଚାର, ସଭାସମିତିରେ ଭାଗ ଦେଉଛନ୍ତି। ଏପରି ଅାହୁରି ଅନେକ ଆଶାୟୀ ବିଜେପି ପାଇଁ ଚିନ୍ତା ବଢ଼ାଇଛନ୍ତି। ୨୦୨୪ ପାଇଁ ଆମ ଆଦମୀ ପାର୍ଟି ନିଜକୁ ପ୍ରସ୍ତୁତ କରୁଛି। ତେବେ କଂଗ୍ରେସ ନିରବରେ ବସିନି। ଅତାବିରା ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ଲୋକଙ୍କ ନିକଟତର ହେବାରେ ଲାଗିଛି। ୨୦୦୯ ପରଠାରୁ ଅତାବିରାକୁ ଥରେ କଂଗ୍ରେସ ଓ ଦୁଇ ଥର ବିଜେଡି ଦାଖଲ କରିସାରିଛି। ୨୦୨୪ରେ ଲୋକେ କାହାକୁ ସମର୍ଥନ ଦେବେ ଭୋଟ ଫଳାଫଳ ଘୋଷଣଶ ପରେ ଜଣାପଡିବ।

ରାଜନଗରରେ ହେବ ତ୍ରିମୁଖୀ ଲଢେଇ

କେନ୍ଦ୍ରାପଡ଼ା(ସମାଲୋଚନା ବ୍ୟୁରୋ): ୨୦୨୪ନିର୍ବାଚନକୁ ନେଇ ସରଗରମ ହେଲାଣି ରାଜ୍ୟ ରାଜନୀତି। ଏହାର ପ୍ରଭାବରେ ନିର୍ବାଚନ ମଣ୍ଡଳସ୍ତରୀୟ ନେତା ଏବେ ଗାଁ ମୁହାଁ। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ନିର୍ବାଚନ ମଣ୍ଡଳୀରେ ଆରମ୍ଭ ହୋଇଗଲାଣି ଭୋଟର ଯୋଗାଡ଼ କାର୍ଯ୍ୟକ୍ରମ। ଦୁଇଟି ବ୍ଲକ ଓ ଗୋଟିଏ ଏନଏସିକୁ ନେଇ ଗଠିତ ରାଜନଗର ନିର୍ବାଚନ ମଣ୍ଡଳୀ। ରାଜନଗର ବ୍ଲକର ସମୁଦ୍ରକୂଳିଆ ଅଣଓଡ଼ିଆ ଭୋଟରଙ୍କ ଉପରେ ଏବେ ତିନିଦଳର ମୁଖ୍ୟ ଫୋକସ। ଏହି ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ସଂଖ୍ୟାର ଏକ ଚତୁର୍ଥାଂଶ ହେଉଛନ୍ତି ଅଣଓଡ଼ିଆ। ୨୦୧୪ରେ ବିଜେଡିକୁ ପଛରେ ପକାଇ କଂଗ୍ରେସର ଅଂଶୁମାନ ମହାନ୍ତି ବାଜି ମାରିନେଇଥିଲେ। ୨୦୧୯ରେ ହାରିଯାଇଥିଲେ କଂଗ୍ରେସର ଯୁବ ନେତୃତ୍ୱ ଅଂଶୁମାନ। ବିଜୟୀ ହୋଇଥିଲେ ବିଜେଡିର ବରିଷ୍ଠ ନେତା ଧ୍ରୁବ ସାହୁ। ୨୪ନିର୍ବାଚନରେ ରାଜନଗର ଭୋଟର କାହାକୁ ସମର୍ଥନ କରିବେ ? ବିଜେଡି, ବିଜେପି ନା କଂଗ୍ରେସ ଶିବିରରେ ଲାଗିରହିଛି ଚର୍ଚ୍ଚା। ଭୋଟରଙ୍କ ପରିବର୍ତ୍ତନଶୀଳ ରାଜନୈତିକ ଚିନ୍ତାଧାରାକୁ ଦୃଷ୍ଟିରେ ରଖି ତିନି ଦଳର ନେତା ଏବେ ଭୟ ଓ ଆଶଙ୍କା ଭିତରେ। ବିଜେଡିର ଧ୍ରୁବ ସାହୁ, କଂଗ୍ରେସର ଅଂଶୁମାନ ମହାନ୍ତି ଓ ବିଜେପିର ଅଲେଖ ଜେନା ଆରମ୍ଭ କରିଦେଲେଣି ନିଜ ନିଜର ରଣକୌଶଳ। ଯଦିଓ ନିର୍ବାଚନୀ ପ୍ରଚାର ହେଉନାହିଁ, କିନ୍ତୁ ବିଭିନ୍ନ ସଭାସମିତି, ଦଳୀୟ ମିଶ୍ରଣ ପର୍ବ, ପ୍ରତିବାଦ ସଭା ଆଦି ଆରମ୍ଭ ଚାଲିଛି। ଏହାରି ମଧ୍ୟରେ ନେତା ଦେଖାଇଛନ୍ତି ଦମ୍। ବିଜେପି ଓ କଂଗ୍ରେସର ଆଶାୟୀମାନଙ୍କୁ ଦଳର ହାଇକମାଣ୍ଡ ୨୦୨୪ରେ ନିର୍ବାଚନରେ ପ୍ରାର୍ଥୀ ହେବାକୁ ସୁଯୋଗ ଦେଉଛି କି ନାହିଁ ସ୍ପଷ୍ଟ ହୋଇନାହିଁ। ସେପଟେ ବିଜେଡି ସୁପ୍ରିମୋ ବିଧାୟକ ଧ୍ରୁବ ସାହୁଙ୍କ ଉପରେ ସନ୍ତୁଷ୍ଟ ନଥିବା ଆଲୋଚନା ହେଉଛି। ହୁଏତ ବିଜେଡି ଏଠାରେ ନୂଅମୁହଁ ଉପରେ ଭରସା କରିପାରେ। ତିନି ଦଳରେ ଦଳୀୟ ଅର୍ନ୍ତଦ୍ୱନ୍ଦ୍ୱ ଲାଗିରହିଥିବା ବେଳେ ଏକାଧିକ ଆଶାୟୀ ଥିବା ରାଜନୈତିକ ସମୀକ୍ଷକମାନେ ଆଲୋଚନା କରୁଛନ୍ତି। ଶୁଣିବାକୁ ମିଳୁଛି ନିର୍ବାଚନ ପୂର୍ବରୁ କଂଗ୍ରେସ ଓ ବିଜେପିର ନେତା ଅନ୍ୟ ଆଡ଼େ ମୁହାଁଇବେ। ତେଣୁ ଏହାକୁ ନେଇ ଭୋଟର ମଧ୍ୟ ଦ୍ୱନ୍ଦ୍ୱରେ। ଆଉ କିଛିଦିନ ପରେ ସ୍ପଷ୍ଟ ତିନି ପ୍ରମୁଖ ଦଳର ବିଧାୟକ ପ୍ରାର୍ଥୀ କିଏ ? ରାଜନଗର ଆକ୍ତିଆର ପାଇଁ କେଉଁ ରଣନୀତି ଆପଣାଉଛନ୍ତି ?

ଗୋପାଳପୁର: ପ୍ରଦୀପଙ୍କ ବିରୋଧରେ ଲଢ଼ିବେ ବିକ୍ରମ

ସମାଲୋଚନା ବ୍ୟୁରୋ: ଗଞ୍ଜାମ ଜିଲ୍ଲା ରାଜନୀତି ବିଜେଡି ପାଇଁ କେବଳ ସମ୍ମାନର ପ୍ରସଙ୍ଗ ନୁହେଁ, ବଡ଼ ଆହ୍ୱାନର କାରଣ ହୋଇଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଛନ୍ତି। ଏହି ଗଞ୍ଜାମ ଜିଲ୍ଲା ଯେଉଁ ଜିଲ୍ଲାରେ ଦୁଇଟି ଲୋକସଭା ଆସନ ରହିଛି। ପାଖାପାଖି ଦୁଇ ଦଶନ୍ଧି ଧରି ଏହି ଜିଲ୍ଲାରେ ବିଜେଡିର ବିଜୟ ଯାତ୍ରା ଅବ୍ୟାହତ ରହିଛି। ତେବେ ଗତ କିଛିମାସ ମଧ୍ୟରେ ଦଳ ଭିତରେ ଗୋଷ୍ଠୀ କନ୍ଦଳ ବିଜେଡି ପାଇଁ ଚିନ୍ତାର କାରଣ ହୋଇଛି। ବିଜେଡିର ଗଡ଼ ଗଞ୍ଜାମ ୨୦୨୪ ନିର୍ବାଚନରେ ଭାଙ୍ଗିବ ନା ପୂର୍ବଭଳି ଅଖଣ୍ଡ ରହିବ। ବିଶେଷତଃ ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ବିଜେଡି ଚିନ୍ତାରେ। ଏକଦା ପ୍ରଦୀପ ପାଣିଗ୍ରାହୀ ନେତୃତ୍ୱ ନେଉଥିଲେ ଏହି ଜିଲ୍ଲାର ଏବଂ ଗୋପାଳପୁରର। ତେବେ ବିଜେଡିରୁ ନିଲମ୍ବିତ ହେବା ପରେ ପ୍ରଦୀପ ବିଜେଡି ବିରୋଧରେ ଗର୍ଜୁଛନ୍ତି। ବିଦ୍ରୋହୀ ପ୍ରଦୀପଙ୍କୁ ଟକ୍କର ଦେବା ପାଇଁ ତାଲିକାରେ ଅଛନ୍ତି ଗୋପବନ୍ଧୁ ଦାସ, ସିଦ୍ଧାନ୍ତ ମହାପାତ୍ର ଏବଂ ବିକ୍ରମ କୁମାର ପଣ୍ଡା। ଯାହା ରାଜନୈତିକ ଶିବିରରୁ ସୂଚନା ମିଳୁଛି ତାହା ହେଲା ପ୍ରଦୀପଙ୍କ ବିରୋଧରେ ପ୍ରାର୍ଥୀ ହେବେ ବିକ୍ରମ ଏବଂ କଡ଼ା ଟକ୍କର ବି ଦେବେ।

ଛତ୍ରପୁର ବିଜେଡିରେ ବଢୁଛି ଅନ୍ତଃକନ୍ଦଳ



ବ୍ରହ୍ମପୁର(ସମାଲୋଚନା ବ୍ୟୁରୋ): ଗଞ୍ଜାମ ଜିଲ୍ଲାର ସବୁ ନିର୍ବାଚନ ମଣ୍ଡଳୀରେ ବିଜେଡିରେ ଲାଗିରହିଥିବା ଗୋଷ୍ଠୀ କନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଏହାର ଫାଇଦା ନେବା ପାଇଁ ଚାହିଁ ରହିଛି ବିଜେପି। ଦିନେ ବାମପନ୍ଥୀଙ୍କ ଗଡ଼ ଥିବା ଗଞ୍ଜାମ ଜିଲ୍ଲାର ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ୨୦୧୪ ପରଠାରୁ ପରିବର୍ତ୍ତନ ଆସିଛି। ଲଗାତାର ଦୁଇଥର ବିଜେଡି ଖାତାକୁ ଯାଇଛି ଏହି ନିର୍ବାଚନ ମଣ୍ଡଳୀ। କିନ୍ତୁ ୨୦୧୪ ନିର୍ବାଚନରେ ବିଜେଡିରୁ ବିଜୟୀ ହୋଇଥିବା ଡାକ୍ତର ପ୍ରିୟାଂଶୁ ପ୍ରଧାନଙ୍କୁ ୨୦୧୯ରେ ଦଳୀୟ ଟିକେଟ ମିଳିନଥିଲା। ଫଳରେ ସେ ତାଙ୍କ ଅନୁଗତମାନେ ବିଜେଡିକୁ ବିରୋଧ କରିବା ସ୍ୱାଭାବିକ। ବର୍ତ୍ତମାନର ବିଧାୟକ ସୁବାସ ବେହେରାଙ୍କ ଗୋଷ୍ଠୀ ମଧ୍ୟରେ ବିବାଦ କାରଣରୁ ଗତ ପୌର ନିର୍ବାଚନରେ ଛତ୍ରପୁର ଏନ୍ଏସି ବିଜେପି ହାତକୁ ଚାଲିଗଲା। ତେଣୁ ଛତ୍ରପୁରରେ ବିଜେଡିର ସ୍ଥିତି ନୈରାଶ୍ୟଜନକ ବୋଲି ଆଲୋଚନା ହେଉଛି। ଏପଟେ ସିପିଆଇର ଦୁର୍ଗଭାବେ ପରିଚିତ ଥିବା ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ନେତାଙ୍କ ଅଭାବ ରହିଛି।୨୦୦୯ରେ ସିପିଆଇରୁ ବିଜୟୀ ହୋଇଥିବା ଆଦିକନ୍ଦ ସେଠୀ ବିଜେଡିରେ ଯୋଗ ଦେବା ପରେ ତାଙ୍କ ଦେହାନ୍ତ ହୋଇଛି। ୨୦୦୪ରେ ସିପିଆଇ ଟିକେଟରେ ବିଧାୟକ ହୋଇଥିବା ନାରାୟଣ ରେଡ୍ଡୀ ଟାଟା ପ୍ରକଳ୍ପ ହିଂସାରେ ଦୋଷୀ ସାବ୍ୟସ୍ତ ହୋଇ ବର୍ତ୍ତମାନ ଜେଲରେ ଅଛନ୍ତି। ତାଙ୍କର ଆଉ ଛତ୍ରପୁର ଅଞ୍ଚଳରେ ଦବଦବା ନଥିବାରୁ ସେ ବେଳରେ ଆସିଲେ ମଧ୍ୟ ଭୋଟରଙ୍କ ଉପରେ କୌଣସି ପ୍ରଭାବ ପଡିବ ନାହିଁ ବୋଲି ରାଜନୀତି ପଣ୍ଡିତମାନେ କହୁଛନ୍ତି। ବିଜେପି ହାତରେ ଛତ୍ରପୁର ଏନ୍ଏସି ଥିବାରୁ ଦଳୀୟ ସଂଗଠନ ଧୀରେ ଧୀରେ ବ୍ଲକ ଅଞ୍ଚଳକୁ ମାଡି ଚାଲିଛି ବୋଲି ଦଳର ଜଣେ ନେତା କହିଛନ୍ତି। ବିଜେଡିରେ ଲାଗିରହିଥିବା ଦଳୀୟ କନ୍ଦଳର ଫାଇଦା ବିଜେପି ନେବ ବୋଲି ରାଜନୀତିକ ସମୀକ୍ଷକ କହୁଥିବା ବେଳେ ପ୍ରାର୍ଥୀ କିଏ ହେବ ତାହା ଏବେଠାରୁ ଆକଳନ କରିବା ମୁସ୍କିଲ।

୨୦୦୦ରେ ବିଜେପି ଟିକେଟରେ ଜିତି ବିଧାୟକ ହୋଇଥିବା ରାମଚନ୍ଦ୍ର ପଣ୍ଡା ଏବେ ପଦ୍ମ ଛାଡି ଶଙ୍ଖ ଧରିଛନ୍ତି। ସେ ନିଜ ପୁରୁଣା ଅଞ୍ଚଳ ବୁଲି ସାଧାରଣ ଲୋକଙ୍କ ସହ ସମ୍ପର୍କ ବଢାଇବାରେ ଲାଗିଛନ୍ତି। ଆଶା ରଖିଛନ୍ତି ସୁପ୍ରିମୋ ଆସ୍ଥା ପ୍ରକଟ କରି କାଲେ ତାଙ୍କୁ ଶଙ୍ଖ ଟିକେଟ ଦେବେ। ଅନ୍ୟପଟେ ବ୍ରହ୍ମପୁର ଲୋକସଭା ଆସନରୁ ଦୁଇ ଦୁଇ ଥର ସାଂସଦ ହୋଇଥିବା ଅଭିନେତାରୁ ନେତା ହୋଇଥିବା ସିଦ୍ଧାନ୍ତ ମହାପାତ୍ର ମଧ୍ୟ କିଛି ଦିନ ହେବ ଛତ୍ରପୁର ଅଞ୍ଚଳରେ ଅନୁଷ୍ଠିତ ବିଜେଡିର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ତେଣୁ ଏଭଳି ଗୋଳମାଳିଆ ସ୍ଥିତିର ଫାଇଦା ନେବା ପାଇଁ ବିରୋଧୀ ଅପେକ୍ଷାରେ ଅଛନ୍ତି। କଂଗ୍ରେସର ସ୍ଥିତି ଛତ୍ରପୁରରେ ନୈରାଶ୍ୟଜନକ। ତଥାପି କଂଗ୍ରେସ ଦକ୍ଷ ନେତାଙ୍କୁ ଯଦି ପ୍ରାର୍ଥୀ କରେ ତେବେ ବିଜେଡି ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ଆଲୋଚନା ହେଉଛି।

ପ୍ରତିନିଧି ଆବଶ୍ୟକ

ସମାଲୋଚନା

ରାଜ୍ୟର ଏକମାତ୍ର, ଭିନ୍ନ ସ୍ୱାଦର SUNDAY NEWS PAPER

'ସମାଲୋଚନା' ପାଇଁ ପ୍ରତିଜିଲ୍ଲା ସଦର ମହକୁମା ଓ ବ୍ଲକ୍‌ସ୍ତରୀୟ ପ୍ରତିନିଧି ଆବଶ୍ୟକ। ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ

samalochana.news@gmail.com
Mob: 7008479617